# Akashvani, Sambalpur

# SAMBALPURI NEWS EVENING BULLETIN

## 16 April 2026-7.02- 7.12 pm.

---

୧- ନୀତି ନିର୍ଦ୍ଧାରଣ୍ ବେଲେ ମହିଳାମାନ୍‌କର୍ ପ୍ରତିନିଧିତ୍ୱକେ ସୁନିଶ୍ଚିତ୍ କର୍‌ବାର୍ ସମିଆ ଆଏ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ସଂସଦ୍‌ର ୩ ଦିନିଆ ଖାସ୍ ଅଭିଯାନ୍ ଆଏଜ୍ ହେଇଛେ ମୁଲ୍ ।

- ଲୋକ୍‌ସଭା ନ ଆଗତ୍ ହେଲା ୩ ଟା ବିଲ୍ ।

୨- ସାରା ରାଏଜେ ଆଏଜ୍‌ଠାନୁ ମୁଲ୍ ହେଲା ଡିଜିଟାଲ୍ ଜନଗଣନା ।

ଆଉର୍

୩- ଯୁକ୍ତ ଦୁଇ ପରୀକ୍ଷାର୍ ୨ ନମ୍ବର୍ ଖେପ୍ ଖାତାଦେଖା ଆଏବା କାଏଲ୍‌ଠାନୁ ହେବା ମୁଲ୍ ।

ମହିଲା ସଂରକ୍ଷଣ୍ ବିଲ୍-ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍, ନିଷ୍ପତି ନେବାର୍ ପ୍ରକ୍ରିୟାଥି ଦେଶର୍ ୫୦ ପ୍ରତିଶତ୍ ଜନସଂଖ୍ୟାକେ ସାମିଲ୍ କର୍‌ବାର୍ ଲାଗି ସର୍‌କାର୍ ବିଚାର୍ କରୁଛନ୍ । ଲୋକସଭା ନ ଇହାଦେ ଚାଲିଥିବା ମହିଲା ସଂରକ୍ଷଣ୍ ବିଧେୟକ୍ ଆଲୋଚନାଥି ଭାଗ୍ ନେଇକରି ଶ୍ରୀ ମୋଦୀ କହିଛନ୍, ନୀତି ନିର୍ଦ୍ଧାରଣ୍ ବେଲେ ମହିଲାମାନ୍‌କର୍ ପ୍ରତିନିଧିତ୍ୱକେ ସୁନିଶ୍ଚିତ୍ କର୍‌ବାର୍ ଇହାଦେର୍ ସମିଆର୍ ଆହ୍ୱାନ୍ ଆଏ । ଦେଶର୍ ବିକାଶ୍‌ଥି ନାରୀଶକ୍ତିର୍ ପ୍ରମୁଖ୍ ଭୂମିକା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସଂସଦ୍ ନ ଆଏଜ୍ ଆଗତ୍ ହେଇଥିବା ୩ ଟା ବିଧେୟକ୍‌କେ ବିରୋଧୀ ଦଲ୍ ସମର୍ଥନ୍ କରୁନ୍ । ଲୋକ୍‌ସଭା ନ ଆଏଜ୍ ଆଲୋଚନା ଲାଗି ସମ୍ବିଧାନ୍‌ର ଶହେ ୩୧ ତମ ସଂଶୋଧନ୍ ବିଧେୟକ, ସୀମା ନିର୍ଦ୍ଧାରଣ୍ ବିଧେୟକ୍ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆଇନ୍ ସଂଶୋଧନ୍ ବିଧେୟକ୍ ଆଗତ୍ କରାଯାଇଛେ । ଇ ବିଧେୟକ୍ ସବୁ ଦେଶର୍ ଭବିଷ୍ୟତ୍ ନିର୍ଦ୍ଧାରଣ୍ ଦିଗେ ମୁଖିଆ ଭୂମିକା ନେବା ବଲି ଶ୍ରୀ ମୋଦୀ କହିଛନ୍ । ବିକଶିତ୍ ଭାରତ୍ ଖାଲି ଭିତିଭୂମି, ରେଲ୍‌ବାଇ, ଅର୍ଥନୈତିକ୍ ସୂଚକାଙ୍କ ଭିତ୍‌ରେ ସୀମିତ୍ ନୁହେଁ, ଇଥି ମହିଲାମାନ୍‌କର୍ ସମାନ୍ ଭାଗିଦାରୀ ଭିଲ୍ ଜରୁରୀ ଆଏ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଫି’ କ୍ଷେତ୍ରଥି ଗୁଟେ

ନୀତି ନିର୍ଦ୍ଧାରଣ୍ ଲାଗି ସର୍କାର୍ ସବ୍କା ସାଥ୍ ସବ୍କା ବିକାଶ୍ ମନ୍ତ୍ର ନେଇକରି କାମ୍ କରୁଛନ୍ । ଦେଶର୍ ସଂସଦୀୟ ଗଣତନ୍ତ୍ରଥି ମହିଳାମାନ୍କର୍ ଯୋଗଦାନ୍ ଖାଲି ଗୁଟେ ସଂଖ୍ୟା ନୁହେଁ, ଇଟା ଗଣତାନ୍ତ୍ରିକ୍ ମୂଲ୍ୟବୋଧ୍‌ର ସୁରକ୍ଷା ଲାଗି ଗୁଟେ ବଡ଼ ପ୍ରତିବଦ୍ଧତାକେ ଦର୍ଶଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ସଂସଦ୍-ବିଲ୍ ଆଗତ୍ ଏନ୍‌ଏସ୍‌ଡି

ସଂସଦ୍‌ର ବର୍ଦ୍ଧିତ୍ ବଜେଟ୍ ଅଧିବେଶନ୍‌ର ୩ ଦିନିଆ ସ୍ୱତନ୍ତ୍ର ବୈଠକ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଲୋକ୍‌ସଭା ନ ଆଏଜ୍ ୩ ଟା ବିଲ୍ ଆଗତ୍ କରାଯାଇଛେ । କେନ୍ଦ୍ର ଆଇନ୍‌ମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍‌ୱାଲ୍ ସମ୍ବିଧାନ୍ (୧୩୧ ନମ୍ବର ସଂଶୋଧନ୍) ବିଲ୍- ୨୦୨୬ ଆଉ ସୀମା ନିର୍ଦ୍ଧାରଣ୍ ବିଲ୍- ୨୦୨୬ କେ ଆଗତ୍ କରିଛନ୍ । ସେନ୍ତା କେନ୍ଦ୍ରଶାସିତ୍ ଅଂଚଲ୍ ଆଇନ୍ (ସଂଶୋଧନ୍) ବିଲ୍ - ୨୦୨୬କେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୃହ ନ ଉପସ୍ଥାପନ୍ କରିଛନ୍ । ବିଲ୍ ଆଗତ୍ କରିକରି ଶ୍ରୀ ମେଘ୍‌ୱାଲ୍ କହିଛନ୍..

(ଭଏସ୍ ଓଭର୍- ଅର୍ଜୁନ୍ ରାମ୍ ମେଘ୍ୱାଲ୍)

କଂଗ୍ରେସ୍ ସଦସ୍ୟ କେ.ସି. ବେଣୁଗୋପାଲ୍ ବିଲ୍ ମାନ୍‌କର୍ ବିରୋଧ୍ କର୍‌ବାର୍ ସହେତେ ଏନ୍ତା ପଦକ୍ଷେପ୍ ଦେଶର୍ ସଂଘୀୟ ବ୍ୟବସ୍ଥାକେ ଦୁର୍ବଲ୍ କର୍‌ବା ବଲି ଅଭିଯୋଗ୍ କରିଥିଲେ । ସମାଜ୍‌ବାଦୀ ପାର୍ଟି ସଦସ୍ୟ ଅଖିଲେଶ୍ ଯାଦବ୍ ସ୍ୱତନ୍ତ୍ର ଅଧିବେଶନ୍ ଜରିଏ ବିଲ୍ ଉପସ୍ଥାପନ୍ କରାଯିବାର୍‌କେ ନେଇକରି ପ୍ରଶ୍ନ ଉଠାବାର୍ ସହେତେ ପହେଲା ଜନଗଣନା କର୍‌ବାର୍‌କେ ଦାବି କରିଥିଲେ । ତୃଣମୁଳ କଂଗ୍ରେସ୍‌ର କାକୋଲି ଘୋଷ୍ ଦସ୍ତିଦାର୍ ଭିଲ୍ ବିଲ୍ ନ ରହିଥିବା କେତେଟା ପ୍ରସ୍ତାବ୍ ଉପ୍‌ରେ ଆପତି ଉଠେଇଥିଲେ । ତାର୍ ଉତର୍‌ଥି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଥିଲେ, ଜନଗଣନା ପ୍ରକ୍ରିୟା ମୁଲ୍ ହେଇସାରିଛେ ।

ଆଘୋନୁ ଅଧିବେଶନ୍ ମୁଲ୍ ହେଉନ୍‌ସାର୍ ବିଶିଷ୍ଟ ଗାୟିକା ଆଉ ପଦ୍ମବିଭୂଷଣ୍ ସ୍ୱର୍ଗତ ଆଶା ଭୋସ୍‌ଲେଙ୍କର୍ ସ୍ମୃତିଥି ୨ ମିନିଟ୍ ନୀରବ୍ ପ୍ରାର୍ଥନା କରାଯାଇଥିଲା । ବାଚସ୍ପତି ଓମ୍ ବିର୍ଲା - ଆଶା ଭୋସ୍‌ଲେଙ୍କୁ ସୁର୍‌ତା କରିକରି କହିଛନ୍, ୭୦ ବଛର୍‌ନୁ ଅଏତ୍‌କା ସମିଆ ଧରିକରି ଭାରତୀୟ ସିନେମା ଆଉ ସଂଗୀତ୍ ଜଗତ୍ ଲାଗି ତାଙ୍କର୍ ଅବଦାନ୍ ଆଏବା ପିଢ଼ିକେ ପ୍ରେରଣା

ଯୁଗାବା । ଆଉ କେତେଝନ୍ ପରଲୋକଗତ ସଦସ୍ୟଙ୍କର୍
ଲାଗି ଭିଲ୍ ଗୃହ ନ ଶ୍ରଦ୍ଧାଞ୍ଜଲି ଅର୍ପଣ୍ କରାଯାଇଛେ ।

ନାରୀ ଶକ୍ତି ବନ୍ଦନ ଦୌଡ଼ ଆର୍ଏନ୍ୟୁ/ ସମ୍ବଲପୁର

ମହିଳା ସଂରକ୍ଷଣ୍ ବିଲ୍ ସହେତେ ଅଲ୍ଗା ୨ ଟା ବିଲ୍ ଆଗତ୍ ଆଉ ଆଲୋଚନାକେ ନେଇକରି ଚାଲିଥିବା ସଂସଦ୍ର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍କେ ନେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍, ମହିଳା ସଶକ୍ତିକରଣ୍ କ୍ଷେତ୍ରଥି ଇଟା ଗୁଟେ ଐତିହାସିକ ପଦକ୍ଷେପ୍ ଆଏ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ଇଥିର୍ଲାଗି ଆଏବା କାଏଲ୍ ଆଉ ଶନିବାର୍ ଦିନ କଟକ୍ ସହେତେ ଦେଶର୍ ୭ ଟା ମୁଖିଆ ସହର୍ ନ ନାରୀ ଶକ୍ତି ବନ୍ଦନ ଦୌଡ଼ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଛେ ।

ଜନଗଣନା ସମ୍ବାଦଦାତା

ସାରା ରାଏଜେ ଆଏଜ୍‌ଠାନୁ ଡିଜିଟାଲ୍ ଜନଗଣନା କାମ୍ ମୁଲ୍ ହେଇଛେ । ଆଏବା ମାସ ୧୫ ତାରିଖ୍‌ତକ୍ ଇ ପ୍ରକ୍ରିୟା ଜାରି ରହେବା । ଇ ଅଭିଯାନ୍ ଅଧୀନ୍‌ଥି ୯୦ ହଜାର୍‌ନୁ ଅଏତ୍‌କା କର୍ମଚାରୀ ଘର୍‌କେ ଘର୍ ବୁଲିକରି ଜନସଂଖ୍ୟା ବାବଦ୍ ପୁରା ତଥ୍ୟ ସଂଗ୍ରହ କର୍‌ବେ । ପର୍ଯ୍ୟବେକ୍ଷଣ୍ ଲାଗି ୧୫ ହଜାର୍ ଶହେ ୪୦ ଝନ୍ ସୁପର୍‌ଭାଇଜର୍‌ଙ୍କୁ ଇଥି‌ର୍‌ଲାଗି ନିୟୋଜିତ୍ କରାଯାଇଛେ । ସବୁ ଗଣନାକାରୀମାନ୍‌କୁ ପାଖାପାଖି ୮ ଶହ ଝନ୍‌କର୍ ତଥ୍ୟ ସଂଗ୍ରହ କର୍‌ବାର୍‌କେ କୁହାଯାଇଛେ । ଘର୍‌ମାନ୍‌କର୍ ତାଲିକା ତିଆର୍ କର୍‌ବାର୍ ଲାଗି ଖାସ୍ ନମ୍ବର୍ ଦିଆଯିବା ଆଉ ସବୁ ପରିବାର୍‌ର ମୁଖିଆଙ୍କର୍ ସାଙ୍ଗେ ସୂଚ୍‌ନା ଦେବାର୍ ବାବ୍‌ଦେ ଆଲୋଚନା କର୍‌ବାର୍‌ଟା ଇ ଅଭିଯାନ୍‌ର ମୁଖିଆ ଉଦ୍ଦେଶ୍ ଆଏ । ଇଥି‌ର୍‌ଲାଗି ମୋଟ୍ ୩୩ ଟା ପ୍ରଶ୍ନ ଥିବା ଗୁଟେ ପ୍ରଶ୍ନାବଳୀ ତିଆର୍ କରାଯାଇଛେ । ଜନଗଣନା ଆଗ୍‌ରୁ ଇ ପ୍ରକ୍ରିୟାର୍ ପ୍ରାକ୍ ପ୍ରସ୍ତୁତିକେ ନେଇକରି ଗଣନାକାରୀମାନ୍‌କୁ ୩ ଦିନ୍ ସମିଆ ଦିଆଯାଇଛେ । ଭିନ୍ ଭିନ୍ ଜିଲ୍ଲା ନ ଇ ପ୍ରକ୍ରିୟା ମୁଲ୍ ହେଇଥିବା ଖବର୍ ଆମ୍‌କୁ ମିଲିଛେ ।

ଯୁକ୍ତ ଦୁଇ ଖାତା ଦେଖା ହି.ସ.

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାର୍ ୨ ନମ୍ବର୍ ଖେପ୍ ଖାତାଦେଖା ଆଏବାକାଏଲ୍ଠାନୁ ମୁଲ୍ ହେବା । ଇ ଖେପେ ଶହେ ୫୧ ଟା ମୂଲ୍ୟାୟନ କେନ୍ଦ୍ର ନ ୮ ହଜାର୍ ୩ ଶହ ୪୩ ଝନ୍ ଅଧ୍ୟାପକ ଖାତା ଦେଖିବେ । ବିଜ୍ଞାନ୍ଥି ୭ ଟା, ବାଣିଜ୍ୟଥି ୨ ଟା, କଳାଥି ୫ ଟା ବିଷେ ସହେତେ ଧନ୍ଦାମୂଲକ୍ ଶିକ୍ଷା, ଟ୍ରେଡ୍ ପେପର୍ ଖାତା ଦେଖାଯିବା । ଏପ୍ରିଲ୍ ୨୮ ତାରିଖିଥି ଦୁଇ ନମ୍ବର୍ ଖେପ୍ ମୂଲ୍ୟାୟନ୍ ଶେଷ୍ ହେବା । ଖାତାଦେଖା ଚାଲିଥିବାର୍ ବେଲେ ଟେବୁଲେସନ୍ ପ୍ରକ୍ରିୟା ଭିଲ୍ ଚାଲିଛେ । ଆଏବା ମାସ ୩ ନମ୍ବର୍ ହପ୍ତାତକ୍ ପରୀକ୍ଷାଫଲ୍ ବାହାରିପାରେ ବଲି ପରିଷଦ୍ ତର୍ଫୁ ସୂଚ୍ନା ମିଲିଛେ । ଗଲାକାଏଲ୍ ଯୁକ୍ତ ଦୁଇ ପରୀକ୍ଷାର୍ ପହେଲା ଖେପ୍ ଖାତାଦେଖା ଶେଷ୍ ହେଇଛେ ।

ଏସ୍.ଆଇ.ଆର ମେପିଂ ଆଇ.ଆଣ୍ଡ୍.ପି.ଆର୍

ନିର୍ବାଚନ୍ ପରିଚାଳନାଥି ଓଡ଼ିଶାର୍ ସଫଲ୍ ଏସ୍.ଆଇ.ଆର୍ ମେପିଂ ମୋଡ୍ରେଲ୍ ଅଧ୍ୟୟନ୍ ଲାଗି ତେଲେଙ୍ଗାନାର ଗୁଟେ ପ୍ରତିନିଧି

ଦଲ୍ ଆଏଜ୍ ଭୁବ୍ନେଶ୍ୱର୍ ଗସ୍ତଥି ଆସିଛନ୍ । ରାଏଜେ ଇହାଦେତକ୍ ୯୫ ଦଶ୍ମିକ୍ ୭/୯ ପ୍ରତିଶତ୍ ଏସ୍.ଆଇ.ଆର୍ ମେପିଂ ଶେଷ୍ ହେଇଥିବାର୍ ବେଲେ ଇତାକେ ଅଲ୍ଗା ରାଜ୍ୟମାନେ ଭିଲ୍ ପ୍ରଶଂସା କରୁଛନ୍ । ଗସ୍ତ ସମିଆଥି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍.ଗୋପାଲନ୍ ତେଲେଙ୍ଗାନା ଦଲ୍ ସହେତେ ଏସ୍.ଆଇ.ଆର୍ ମେପିଂ କାର୍ଯ୍ୟାନ୍ୱୟନ୍ ପ୍ରକ୍ରିୟା ଉପ୍ରେ ଆଲୋଚନା କରିଥିଲେ । ଗଲା ୨ ଦିନ୍ ଧରିକରି ଇ ଟିମ୍ କ୍ଷେତ୍ର ସ୍ତର୍ ନ ଚାଲିଥିବା ମେପିଂ କାମ୍ର ତଦାରଖ୍ କର୍ବାର୍ ସହେତେ ବୁଥ୍ସ୍ତରୀୟ ଅଧିକାରୀ ଆଉ ବିଏଲ୍ଓ ମାନ୍କର୍ ଆଲୋଚନା କରିଛନ୍ ।

ରତ୍ନଭଣ୍ଡାର୍ ଗନ୍ତି ମନ୍ତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଭିତର୍ ରତ୍ନଭଣ୍ଡାର୍ ଗନ୍ତି ମନ୍ତି ପ୍ରକ୍ରିୟା ଚାଲିଛେ । ସକାଳ ଧୂପନୀତି ଉତ୍ରୁ ଇ ପ୍ରକ୍ରିୟା ମୁଲ୍ ହେଇଥିଲା । ଜିଲ୍ଲା ଟ୍ରେଜେରୀ ନୁ ଆଏଜ୍ ଭିଲ୍ ଭିତର୍ ରତ୍ନଭଣ୍ଡାର୍ ଘର ଚାବି ଅନାୟିବାର୍ ସହେତେ ତାକେ ଖୁଲାଯାଇକରି ଗନ୍ତି କାମ୍ ମୁଲ୍ କରାୟାଇଥିଲା । ୧୯୭୮

ମସିହା ତାଲିକା ଅନ୍‌ସାରେ ଭିତର୍ ରତ୍ନଭଣ୍ଡାର୍ ନ ୩ ଶହ ୬୭ ପ୍ରକାରର୍ ସୁନା ଆର୍ ୨ ଶହ ୩୧ ପ୍ରକାରର୍ ରୂପା ଅଲଙ୍କାର୍ ରହିଛେ । ଇ ତାଲିକା ସହେତେ ଇହାଦେର୍ ଗନ୍‌ତିକେ ନେଇକରି ମେଲ୍ କରାଯିବା । ସବୁ ଅଲଙ୍କାର୍ ମାନ୍‌କର୍ ଭିଡ଼ିଓଗ୍ରାଫିଂ, ଫଟୋଗ୍ରାଫିଂ ଆର୍ ଥ୍ରିଡ଼ି ମେପିଂ କରାଯାଉଛେ । ଗଲା ସୋମ୍‌ବାର୍ ଦିନୁ ଭିତର୍ ରତ୍ନଭଣ୍ଡାର୍ ଗନ୍‌ତି ମନ୍‌ତି କାମ୍ ମୁଲ୍ ହେଇଥିଲା ।

ନାରୀଶକ୍ତି ସମ୍ମିଲନୀ ପୁରୀ ସମ୍ବାଦଦାତା

ପୁରୀ ଟାଉନ୍‌ହଲ୍ ଠାନେ ଜିଲ୍ଲାସ୍ତରୀୟ ନାରୀଶକ୍ତି ସମ୍ମିଲନୀ ହେଇଯାଇଛେ । ସମ୍ମିଲନୀଥି ବାଚସ୍ପତି ସୁରମା ପାଢ଼ୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମହିଳା ସଶକ୍ତିକରଣ୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଆଲୋଚନା ହେଇଥିଲା । କେନ୍ଦ୍ର ସର୍‌କାର୍‌ଙ୍କର୍ ମାତୃ ବଚାଓ, ସୁକନ୍ୟା, ଉଜ୍ଜ୍ୱଳା ଗେସ୍ ଯୋଗାଣ ଆଉ ସ୍ୱଚ୍ଛ ଭାରତ୍ ମିଶନ୍

ବାଗିର୍ ପଦକ୍ଷେପ୍ ମହିଳାମାନ୍କର୍ ଲାଗି ଉପକାରୀ ହେଇଥିବା ବାବ୍ଦେ କୁହାଯାଇଥିଲା । ସେନ୍ତା ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଲକ୍ଷପତି ଦିଦି ବାଗିର୍ ପଦକ୍ଷେପ୍ ମହିଳାମାନ୍କର୍ ଅଗ୍ରଗତିକେ ବଢ଼େଇଛେ ।

ସଡ଼କ୍ ସୁରକ୍ଷା କମିଟି ବୈଠକ          ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲାପାଲ୍ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାସ୍ତରୀୟ ସଡ଼କ୍ ସୁରକ୍ଷା କମିଟି ବୈଠକ୍ ହେଇଯାଇଛେ । ଆରକ୍ଷୀ ଅଧିକ୍ଷକ୍ ଅନୀଲ୍ କୁମାର୍ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଜାତୀୟ ରାଜ୍ପଥ୍ ତରାଥି ଥିବା ଜବର୍ଦଖଲ୍ ଦୁକାନ୍ ମାନ୍କୁ ଚିହ୍ନଟ୍ ଆଉ ଉଚ୍ଛେଦ୍ କର୍ବାର୍, ପୌର ପରିଷଦ୍ ନ ଗାଡ଼ି ଚଲାବାର୍ ବେଲେ ଗାଡ଼ିର ବେଗ ନିୟନ୍ତ୍ରଣ୍ କର୍ବାର୍, ହେଲ୍ମେଟ୍ ଆଉ ସିଟ୍ବେଲ୍ଟର ବେଭାର୍ ବାଗିର୍ ଭିନ୍ ଭିନ୍ ବିଷେ ଉପ୍ରେ ଆଲୋଚନା କରାଯାଇଥିଲା ।

ଖୋ ଖୋ ପ୍ରତିଯୋଗିତା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଚାଲିଥିବା ସିଏମ୍ ଟ୍ରଫି -୨୦୨୬ ଜିଲ୍ଲାସ୍ତରୀୟ ଖୋଖେ ପ୍ରତିଯୋଗିତା ଉଦ୍‌ଯାପିତ୍ ହେଇଯାଇଛେ । ୧୪ ବଛର୍‌ନୁ କମ୍ ବାଳକ ଆଉ ବାଳିକା ବର୍ଗଥି ପ୍ରତିଯୋଗିତା ହେଇଥିଲା । ବାଳକ ବର୍ଗଥି ୪ ଟା ଦଲ୍ ଆଉ ବାଳିକା ବର୍ଗଥି ୨ ଟା ଦଲ୍ ଭାଗ୍ ନେଇଥିଲେ । ପ୍ରତିଯୋଗିତା ଲାଗି ବହୁତ୍ ଛାତ୍ରଛାତ୍ରୀ ଅନ୍‌ଲାଇନ୍ ଜରିଏ ନାଁ ପଞ୍ଜିକରଣ୍ କରିଥିଲେ । ବାଳିକା ବିଭାଗ୍‌ଥି ନେସ୍‌ନାଲ୍ ଉଚବିଦ୍ୟାଳୟ ଆଉ ବାଳକ ବିଭାଗ୍‌ଥି ସିନାପାଲି ବ୍ଲକ୍‌ର ନୀଲ୍‌ଜୀ ଖୋ ଖୋ ଦଲ୍ ଜିତିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରଭାବ୍ ବଢ଼୍‌ବାର୍‌କେ ଲାଗିଛେ । ଆଏବା ୭ ଦିନ୍‌ତକ୍ ଜିଲ୍ଲାମାନ୍‌କେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ଅନୁମାନ୍ କରାଯାଇଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସମୁଦ୍ରଖଁଡ଼ି

ଜିଲ୍ଲାମାନ୍‌କେ ଧୁକାଗର୍ଡ଼ିର୍ ସମ୍ଭାବନା ରହିଛେ ବଲି କେନ୍ଦ୍ର ତରଫ୍‌ରୁ କୁହାଯାଇଛେ । ସେନ୍ତା ପଶ୍ଚିମ ଓଡ଼ିଶାର୍ ବଡ଼ଭାଗୀ ଜିଲ୍ଲା ନ ଆଏଜ୍ ଦିନର୍ ସବୁନୁ ଜହ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରେକର୍ଡ଼ କରାଯାଇଛେ ।